## ସଂକ୍ଷେପରେ

### ଶ୍ୱଶୁର ଘରେ ଜ୍ୱାଇଁଙ୍କ ମୃତ୍ୟୁ

**ଖୁଣ୍ଟା,୧୪।୭(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବହଳଦା ଗ୍ରାମସ୍ଥିତ ଶ୍ୱଶୁର ଘରେ ଜ୍ୱାଇଁଙ୍କ ସୋମବାର ମୃତ୍ୟୁ ଘଟିଛି। ମୃତକ ହେଲେ ବଡ଼ସାହି ଥାନା ଅନ୍ତର୍ଗତ ଦଲକିଶୋଲ ଗ୍ରାମର ଜଗନ୍ନାଥ ସିଂ (୨୭)। ରବିବାର ସେ ଶ୍ୱଶୁର ସ୍ୱର୍ଗତ ସମା ସିଂଙ୍କ ଘରକୁ ଆସିଥିଲେ। ସୋମବାର ବିଳମ୍ବିତ ରାତିରେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖୁଣ୍ଟା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩୦/୨୦୨୦) ରୁଜୁ ହୋଇଛି।

### ୪ ଟ୍ରକ୍ ଜବତ, ଜରିମାନା ଆଦାୟ

**ଖୁଣ୍ଟା,୧୪।୭(ଡି.ଏନ୍.ଏ.):** ବେଆଇନ ମାଙ୍କଡ଼ା ପଥର ଚାଲାଣ କରୁଥିବା ୪ ଟ୍ରକ ଜବତ କରି ମୟୂରଭଞ୍ଜ ଜିଲା ଖୁଣ୍ଟା ତହସିଲ କର୍ତ୍ତୃପକ୍ଷ ଜରିମାନା ଆଦାୟ କରିଛନ୍ତି। ସୋମବାର ଅପରାହ୍ନରେ ତହସିଲଦାର ସ୍ମରଣ କୁମାର ପୃଷ୍ଟି ରଙ୍ଗାମାଟିଆ ଗ୍ରାମରେ ଚାଲିଥିବା ବେଆଇନ ଖାଦାନ ଉପରେ ଚଢ଼ାଉ କରିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୩ଟି ଟ୍ରକଠାରୁ ୨୬ହଜାର ୮୦ ଟଙ୍କା ଓ ଅନ୍ୟ ଗୋଟିଏ ଟ୍ରକଠାରୁ ୩୧ହଜାର ୮୦ ଟଙ୍କା ଜରିମାନା ଆଦାୟ ହୋଇଛି। ଜବତ ଟ୍ରକଗୁଡ଼ିକ ମଧ୍ୟରୁ ୩ଟି ବଡ଼ସାହି ଓ ଅନ୍ୟ ଗୋଟିଏ ଭୋଲାଗଡ଼ିଆ ଅଞ୍ଚଳର ବୋଲି ସୂଚନା ମିଳିଛି।

### ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍

**ବୈଶିଙ୍ଗା,୧୪।୭(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବୈଶିଙ୍ଗା ବଜାର ନିକଟ କଦଳିଆ ଗ୍ରାମର ଜଣେ ମହିଳାଙ୍କ ବେକରୁ ସୋମବାର ସୁନାଚେନ୍ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ବୈଶିଙ୍ଗା-ରୂପ୍ସା ଷ୍ଟେଶନ ରାସ୍ତା ପାର୍ଶ୍ୱରେ କାଳୀପଦ ଦାସଙ୍କ ପରିବାର ରୁହନ୍ତି। ସୋମବାର ରାତି ୮ଟା ବେଳେ ପରିବାର ଲୋକେ ଏକ ଦୋକାନ ପ୍ରତିଷ୍ଠା ଉତ୍ସବରେ ବ୍ୟସ୍ତ ଥିଲେ। ଏହି ସମୟରେ ଏକ କଳା ପଲସର ବାଇକ୍‌ରେ ୨ ଜଣ ଦୁର୍ବୃତ୍ତ ଆସି କାଳିପଦଙ୍କ ବଡ଼ ବୋହୁଙ୍କୁ ଭୁଜାଲି ଦେଖାଇ ତାଙ୍କ ବେକରୁ ଏକ ସୁନା ଚେନ୍ ଝାମ୍ପି ନେଇ ପଳାଇ ଯାଇଥିଲେ। ବୈଶିଙ୍ଗା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ଲୁଟେରାଙ୍କ ସନ୍ଧାନ ମିଳି ପାରିନାହିଁ।

### ବାଲିଆପାଳରେ ୫୧ କରୋନା ପଜିଟିଭ

**ବାଲିଆପାଳ, ୧୪।୭(ଡି.ଏନ.ଏ./ସ୍ୱ.ପ୍ର.):** ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ମଙ୍ଗଳବାର ସୁଦ୍ଧା ୫୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସୋମବାର ଗୋଟିଏ ଦିନରେ ୧୩ ପଜିଟିଭ ଚିହ୍ନଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ସେମାନଙ୍କ ମଧ୍ୟରୁ ୨୫ ଜଣ ସୁସ୍ଥ ହୋଇ ଫେରିଥିବା ସୂଚନା ମିଳିଛି। ନୂଆ ୧୩ ଆକ୍ରାନ୍ତଙ୍କ ମଧ୍ୟରେ ଜାମକୁଣ୍ଡା, କାଠଶଗଡ଼ା, ଡଗରା, ନାରାୟଣପୁର, ଅଳାଡ଼ିହା ଏବଂ କୁମ୍ଭାରୀ ଗ୍ରାମରୁ ଜଣେ ଲେଖାଏଁ ଅଛନ୍ତି। ସେହିପରି କାଳରୁଇ, ବେତଗଡ଼ିଆ ଗ୍ରାମରୁ ୨ଜଣ ଏବଂ ତାପୁଣ୍ଡିଆ ଗ୍ରାମରୁ ୩ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ଭାଗିରଥୀ ମୁର୍ମୁ ଏବଂ ସୁପରଭାଇଜର ରମାନାଥ କର ସୂଚନା ଦେଇଛନ୍ତି।

### କୋଭିଡ୍ ନିୟମ ଉଲ୍ଲଂଘନ: ୨ ଦୋକାନ ସିଲ୍

**ଖଇରା, ୧୪।୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ଅଧୀନ ଖଇରା ବଜାରରେ ମଙ୍ଗଳବାର କରୋନା କଟକଣା ଉଲ୍ଲଂଘନ ଅଭିଯୋଗରେ ଖଇରା ତହସିଲଦାର ୨ ଦୋକାନକୁ ୭ଦିନ ପାଇଁ ସିଲ୍ କରିଛନ୍ତି। ତହସିଲଦାର ପ୍ରଦୀପ କୁମାର ସାହୁ ଓ ଅତିରିକ୍ତ ତହସିଲଦାର ବିଭାସ ରଞ୍ଜନ ପାଣିଗ୍ରାହୀ ମଙ୍ଗଳବାର ସାମାଜିକ ଦୂରତା ନିୟମ ଉଲ୍ଲଂଘନ କରୁଥିବା ଲୁଗା ଦୋକାନୀ ଦୟାନିଧି ଗୁପ୍ତା ଓ ତେଜରାତି ଦୋକାନୀ ଏଚ୍. ସାହୁଙ୍କ ଦୋକାନକୁ ବାଧ ହୋଇ ସିଲ୍ କରିଥିଲେ। ସେହିଭଳି ଖଇରା ହାଟ ଭିତରେ ପରିବା ଦୋକାନୀଗୁଡିକ କଟକଣା ମାନୁ ନ ଥିବାରୁ ସେମାନଙ୍କୁ ଆଉ ହାଟରେ ଦୋକାନ ନ ଖୋଲିବାକୁ ଚେତାବନୀ ଦିଆଯାଇଥିଲା।

# ସଜେଇ ହେଉଛି ଉଦଳା ସହର

**ଉଦଳା, ୧୪।୭(ଡି.ଏନ.ଏ.)**


କାନ୍ଥରେ ଅଙ୍କା ଯାଇଥିବା ଚିତ୍ର।

■କାନ୍ଥବାଡ଼ରେ କଳା ସଂସ୍କୃତିର ଝଲକ
■ନିର୍ଜୀବ ପାଚେରିରେ କଥାକୁହା ପେଣ୍ଟିଂ

କଳା ସଂସ୍କୃତିକୁ ବଞ୍ଚାଇ ରଖିବା ସହିତ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଛି ଏକ ନିଆରା ପ୍ରୟାସ। ସବୁଜ ସୁନ୍ଦର ଉଦଳା ଏବେ କଳା ସଂସ୍କୃତିର ଝଲକରେ ଝଲସି ଉଠିଛି। ଯେଉଁ ରାସ୍ତା କଡ଼ ପାଚେରି ଦିନେ ଅଲୋଡ଼ା ହୋଇ ପଡ଼ିରହିଥିଲା ତାହା ଆଜି କଥା କହୁଛି । ଏହି ସହର ଏବେ ନୂଆ ରୂପ ନେଇଛି। ନୂଆବୋହୂ ପରି ସଜେଇ ହୋଇଛି। କେଉଁଠି ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାର ଚିତ୍ର ତ ଆଉ କେଉଁଠି ଲୁପ୍ତ ପ୍ରାୟ କୌଳିକ ବୃତ୍ତିର ଚିତ୍ର, ପୁଣି ଆଉ କେଉଁଠି ଆଦିବାସୀ ପରମ୍ପରା, ନୃତ୍ୟ ବାଦ୍ୟର ଚିତ୍ର। ଏହାର ବିନ୍ଧାଣୀ ସାଜିଛନ୍ତି ଉପଖଣ୍ଡ କାରିଗର ପଞ୍ଚାୟତର ସଦସ୍ୟମାନେ। କରୋନା ମହାମାରୀ ଲକ୍‌ଡାଉନ ସମୟରେ ପ୍ରଥମେ ନିଜ ଖର୍ଚ୍ଚରେ ଅଞ୍ଚଳର ବିଭିନ୍ନ କାନ୍ଥବାଡ଼ରେ କରୋନା ସଚେତନତା ନେଇ ଚିତ୍ର ଆଙ୍କି ଚର୍ଚ୍ଚାକୁ ଆସିଥିଲେ ସେମାନେ। ପୁଣି ଏବେ ସମଗ୍ର ସହରକୁ ସଜାଉଛନ୍ତି। ସକାଳ ହେଲେ ହାତରେ ରଙ୍ଗତୂଳୀ ଧରି ବିଭିନ୍ନ ପାଚେରିରେ ଆଙ୍କୁଛନ୍ତି ମୟୂରଭଞ୍ଜ କଳା, ସଂସ୍କୃତି ଏବଂ ପରମ୍ପରାର ଚିତ୍ର । ଫଳରେ ନିର୍ଜୀବ ସିମେଣ୍ଟ ପାଚେରି ଏବେ କଳା ସଂସ୍କୃତିର କଥା କହୁଛି । ଉଦଳା ଥାନା ଛକଠାରୁ ଆରମ୍ଭ କରି ଏନଏସି ଅଧୀନସ୍ଥ ବିଭିନ୍ନ ୱାର୍ଡର କାନ୍ଥରେ ଚାଲିଛି ପେଣ୍ଟିଂ। କାରିଗର ପଞ୍ଚାୟତର ସଦସ୍ୟ ଜିତେନ୍ଦ୍ର ହେମ୍ବ୍ରମ୍, ସଞ୍ଜୀବ କୁମାର ବେହେରା, ଭଗବାନ ମହାପାତ୍ର କୁହନ୍ତି ବିଭିନ୍ନ ଖବରକାଗଜ କିମ୍ବା ଟେଲିଭିଜନ ଜରିଆରେ ହଜିଯାଉଥିବା କଳା ସଂସ୍କୃତି, ପରମ୍ପରାର ଝଲକ ଦେଖିବା ପରେ ଲୋକେ ତାହାକୁ ଭୁଲିଯାଉଛନ୍ତି । ହେଲେ ଏହି କାନ୍ଥରେ ଅଙ୍କାଯାଇଥିବା ଚିତ୍ର ଗୋଟିଏ ସାଧାରଣ ମଣିଷକୁ ଦୁଇ ମିନିଟ୍ ଛିଡ଼ା କରିବାକୁ ବାଧ କରିବ। ଏହାସହିତ ଏହି ଚିତ୍ର ଜରିଆରେ ଲୋକେ କିଛି ସନ୍ଦେଶ ପାଇବେ ଏବଂ ସବୁବେଳେ ଏହି ଚିତ୍ର ଦେଖିବା ଫଳରେ ଲୋକେ ଆଉ ଦାଦନ ଖଟିବାକୁ ବାହାରକୁ ନ ଯାଇ ହଜିଯିବାକୁ ବସିଥିବା ନିଜର କୂଳବେଉସା କରି ପରିବାର ପ୍ରତିପୋଷଣ କରିପାରିବେ ବୋଲି ମତ ରଖିଛନ୍ତି କାରିଗର ପଞ୍ଚାୟତର ସଦସ୍ୟମାନେ । ଏହି ଚିତ୍ରକଳା ମାଧ୍ୟମରେ କରୋନା ସଚେତନତା ବାର୍ତ୍ତା ସବୁଠାରୁ ନିଆରା, ଯେପରିକି ମାସ୍କ ପିନ୍ଧିବା, ସାମାଜିକ ଦୂରତା ଅବଲମ୍ବନ କରିବା, ପରିବେଶ ପରିଷ୍କାର ପରିଚ୍ଛନ୍ନ ରଖିବା ଭଳି ବିଭିନ୍ନ ବାର୍ତ୍ତା ସମସ୍ତଙ୍କୁ ଆକର୍ଷିତ କରିଛି। ତେବେ ସରକାରଙ୍କ ତରଫରୁ ଅଧିକ ସହଯୋଗ ମିଳିଲେ ସମଗ୍ର ଉଦଳାକୁ ଏକ ନୂଆ ରୂପ ଦିଆଯିବ ବୋଲି କାରିଗର ପଞ୍ଚାୟତର ସଦସ୍ୟମାନେ କହିଛନ୍ତି।

## ଘର ଆଗରେ ବାସନ ମାଜୁଥିବା ବେଳେ ଚଢ଼ିଗଲା କାର୍

**ପାଟଣା,୧୪।୭(ସ୍ୱ.ପ୍ର.)**

**ମହିଳାଙ୍କ ମୃତ୍ୟୁ, ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ**

କେନ୍ଦୁଝର ଜିଲା ପାଟଣା କରଞ୍ଜିଆଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥର ଧାନବେଣୀ ନିକଟରେ ମଙ୍ଗଳବାର ସକାଳୁ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଧାନବେଣୀ ଗ୍ରାମର କମଳା ମହାନ୍ତ। ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳୁ ଘର ସମ୍ମୁଖରେ ବସି କମଳା ବାସନ ମାଜୁଥିବା ବେଳେ କରଞ୍ଜିଆ ପାର୍ଶ୍ୱରୁ ପାଟଣା ଆଡ଼କୁ ଯାଉଥିବା ଏକ କାର ମହିଳାଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ହିଁ କମଳାଙ୍କ ମୃତ୍ୟୁ ଘଟିଥିଲା। ଘଟଣା ସ୍ଥଳରେ ଉତ୍ତେଜନା ଲାଗିରହିବା ସହ ଶତାଧିକ ମହିଳା ଓ ପୁରୁଷ କ୍ଷତିପୂରଣ ସହ ଏକ ବାଇପାସ ନିର୍ମାଣ ଦାବିରେ ରାସ୍ତା ଉପରେ ଗଛ ଗଣ୍ଡି ପକାଇ ରାସ୍ତାକୁ ଦିନ ୧୦ ଟା ପର୍ଯ୍ୟନ୍ତ ଅବରୋଧ କରିଥିଲେ। ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେବାସହ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଗାଡିଜାମ ହୋଇ ରହିଥିଲା। ରେଡ଼କ୍ରସ ତରଫରୁ ସାହାରପଡା ତହସିଲଦାର ୧୦ହଜାର ଟଙ୍କା ସହାୟତା ରାଶି ଯୋଗାଇ ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ପାଟଣା ପୋଲିସ କାରକୁ ଜବତ କରି ଥାନାରେ ଏକ ଦୁର୍ଘଟଣାଜନିତ ମାମଲା (ନଂ.୧୦୩/୨୦) ରୁଜୁ କରି ତଦନ୍ତ ଜାରି ରଖିଛି।

## ବିଦ୍ୟୁତ୍ ସଂସ୍ପର୍ଶରେ କର୍ମଚାରୀଙ୍କ ମୃତ୍ୟୁ

**ଭଦ୍ରକ ଅଫିସ, ୧୪।୭**

ଭଦ୍ରକ ସହର ଟାଉନ ହଲ୍ ଛକ ନିକଟସ୍ଥ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ଲାଇନ ସଜାଡୁଥିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସି କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତ କର୍ମଚାରୀ ହେଲେ ଧାମନଗର ଥାନା କରଦା ଅଞ୍ଚଳର ଜ୍ଞାନଜିତ ଦାସ। କର୍ମଚାରୀ ଜଣଙ୍କ ଖୁଣ୍ଟରେ ଚଢ଼ି ଲାଇନ ସଜାଡୁଥିବା ସମୟରେ କରେଣ୍ଟ ଆସିଯାଇଥିଲା। ଫଳରେ ଘଟଣାସ୍ଥଳରେ କର୍ମଚାରୀଙ୍କର ମୃତ୍ୟୁ ହୋଇଥିଲା। ପରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମେଡିକାଲକୁ ପଠାଯାଇଥିଲା। ମଙ୍ଗଳବାର ପରିବାର ଲୋକ ମେଡିକାଲରୁ ମୃତଦେହ ଆଣି ବାଇପାସ ସ୍ଥିତ ନେସ୍କୋ କାର୍ଯ୍ୟାଳୟ ସମ୍ମୁଖରେ ରଖି ଧାରଣା ଦେଇଥିଲେ। ମୃତକଙ୍କ ପରିବାରରେ ଜଣଙ୍କୁ ଚାକିରି ଓ ଆର୍ଥିକ ସହାୟତା ଦାବି କରି ସମ୍ପର୍କୀୟ ମାନେ ଧାରଣା ଦେଇଥିଲେ। ଟାଉନ ପୋଲିସ ଓ ଭଦ୍ରକ ତହସିଲଦାର ଜ୍ୟୋତିବିକାଶ ଦାଶଙ୍କ ଉପସ୍ଥିତିରେ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ପରେ ଏହି ଧାରଣା ପ୍ରତ୍ୟାହୃତ ହୋଇଥିଲା।


କେନ୍ଦୁଝର ସହର ରାସ୍ତା କଡ଼ରେ ବର୍ଷାଦିନିଆ ଛତୁର ପସରା।

## ବାଇକ୍‌ରୁ ୧ଲକ୍ଷ ୩୨ହଜାର ଲୁଟ୍

**ଭଣ୍ଡାରିପୋଖରୀ, ୧୪।୭( ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ କୃଷି କାର୍ଯ୍ୟାଳୟ ନିକଟରେ ଥିବା ଏକ ବାଇକ୍‌ରୁ ଦୁର୍ବୃତ୍ତମାନେ ୧ ଲକ୍ଷ ୩୨ହଜାର ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି ସ୍ୱଚ୍ଛ ଭାରତ ଯୋଜନାରେ ମୋଟିଭେଟର ଭାବେ କାର୍ଯ୍ୟ କରୁଥିବା ଉମାକାନ୍ତ ଖଟୁଆ। ସେ ଏନେଇ ଭଣ୍ଡାରିପୋଖରୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ .୧୨୮/୨୦) ରୁଜୁ କରିଛି। ଉମାକାନ୍ତଙ୍କ ଘର ନିର୍ଗୁଣ୍ଡି ପଞ୍ଚାୟତ ଗୁହାଳିଆ ଗ୍ରାମରେ। ଉମାକାନ୍ତ କୋଣସି କାମରେ ବ୍ଲକ କୃଷି କାର୍ଯ୍ୟାଳୟକୁ ଆସିଥିଲେ। କାର୍ଯ୍ୟାଳୟରୁ ଫେରି ବାଇକ୍‌ରେ କିଛି ମଇଳା ପଡିଥିବା ଦେଖି ପାଣି ଆଣି ଧୋଇଥିଲେ। ଟଙ୍କା ବ୍ୟାଗ ବାଇକ ହ୍ୟାଣ୍ଡେଲରେ ଟାଙ୍ଗି ବୋତଲ ଦେବା ପାଇଁ ଯିବା ବେଳେ ଏହାର ସୁଯୋଗ ନେଇ ଲୁଟେରାମାନେ ଲୁଟ୍ କରିଥିଲେ। ଉମାକାନ୍ତ ଫେରିବା ବେଳକୁ ଟଙ୍କା ବ୍ୟାଗ ନ ଥିବା ଦେଖିଥିଲେ।

## ଲୁହାପଥର ଚୋରା ଚାଲାଣ : ୭ ଗିରଫ

**ଯୋଡ଼ା, ୧୪।୭(ଡି.ଏନ.ଏ.)**

**୨ ଡମ୍ଫର, ବାଇକ୍, ମୋବାଇଲ୍ ଜବତ**

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ପୁରୁଷୋତ୍ତମପୁରଠାରେ ଲୁହାପଥର ଚୋରା ଚାଲାଣ ହେଉଥିବା ବେଳେ ପୋଲିସ ଚଢ଼ାଉ କରି ୭ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଡ଼ବିଲ ଅଞ୍ଚଳର ଚୁନା ମହାନ୍ତ, ସାଗର ମୁଣ୍ଡା, ମୁକେଶ ମହାନ୍ତ, ଅମର ରାଜକ, ହେମନ୍ତ କୁମାର ମହାନ୍ତ, ପରମିତ ସିଂ ଏବଂ ଝାଡ଼ଖଣ୍ଡ ରାଜ୍ୟ ଜଗନ୍ନାଥପୁର ଅଞ୍ଚଳର ଯୁଗଳ କିଶୋର ମହାନ୍ତ। ପୋଲିସ ସେମାନଙ୍କ ନିକଟରୁ ୨ଟି ଡମ୍ଫର, ଗୋଟିଏ ବାଇକ୍, ଗୋଟିଏ ଚାରିଚକିଆ ଯାନ ଓ ୮ଟି ମୋବାଇଲ ଫୋନ୍ ଜବତ କରିଛି। ସୂଚନା ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ ଦେଓଝର ରେଳ ସାଇଡିଂରୁ ଦୁଇଟି ଡମ୍ଫର ଯୋଗେ ବିଲେଇପଦା ଫାଣ୍ଡି ଅଧୀନ ପୁରୁଷୋତ୍ତମପୁର ରାସ୍ତା ଦେଇ ଝାଡଖଣ୍ଡ ରାଜ୍ୟକୁ ଲୁହାପଥର ଚୋରା ଚାଲାଣ କରାଯାଉଥିଲା। ଖବରପାଇ ଯୋଡ଼ା ଥାନା ଓ ବିଲେଇପଦା ଫାଣ୍ଡି ପୋଲିସ ମିଳିତ ଭାବେ ଚଢ଼ାଉ କରିଥିଲା। ଅଭିଯୁକ୍ତମାନେ ଏକ ଖଣିରୁ ଦେଓଝର ରେଳ ସାଇଡିଂକୁ ଲୁହାପଥର ପରିବହନ ବେଳେ ଚଞ୍ଚକତା କରି ରେଳସାଇଡିଂରେ ପଡ଼ିଥିବା ଚାଲାଣରେ ଦର୍ଶାଇ ଉକ୍ତ ଖଣିଜକୁ ବାହାର ରାଜ୍ୟକୁ ଚୋରା ଚାଲାଣ କରୁଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ଏନେଇ ଏକ ମାମଲା (ନଂ.୧୧୪/୨୦୨୦) ରୁଜୁ କରି ତଦନ୍ତ ଜାରି ରଖିଥିବା ଯୋଡ଼ା ଥାନା ଆଇଆଇସି ରାଇସେନ୍ ମୁର୍ମୁ ସୂଚନା ଦେଇଛନ୍ତି। ଇଣ୍ଟିଗ୍ରେଟେଡ୍ ମାଇନ୍ସ ମିନେରାଲ୍ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଥ୍ରୀଏମ୍ଏସ୍) ଥାଇ ମଧ୍ୟ ବାହାର ରାଜ୍ୟକୁ ଅନାୟଶରେ ଖଣିଜ ଚୋରା ଚାଲାଣ ହେଉଥିବା ଦୁର୍ଭାଗ୍ୟଜନକ।

## ବେଆଇନ ଚାଲାଣ : ୧୪ ଗୋରୁ ଉଦ୍ଧାର
## ପିକ୍‌ଅପ୍, କାର୍ ଜବତ: ୮ ଅଟକ

**ସଜନାଗଡ଼, ୧୪।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବାଉଁଶବଣିଆଠାରେ ସୋମବାର ରାତି ପ୍ରାୟ ୨ଟାରେ ନୀଳଗିରି ପୋଲିସ ଏକ ଗୋରୁ ବୋଝେଇ ପିକଅପ୍ ଭ୍ୟାନ ଜବତ କରିଛି। ଏଥିରେ ସମ୍ପୃକ୍ତ ୮ଜଣଙ୍କୁ ଅଟକ ରଖାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଗୋରୁଗୁଡ଼ିକୁ ମୟୂରଭଞ୍ଜ ଅଭିମୁଖେ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଚାଲାଣ ହେଉଥିଲା। ବାଲେଶ୍ୱର ଜିଲା ଖଇରା ଅଞ୍ଚଳରୁ ମୟୂରଭଞ୍ଜ ଜିଲା ଉଦଳା ଅଭିମୁଖେ ବେଆଇନ ଭାବେ ଏକ ପିକଅପ୍ ଭ୍ୟାନ୍ (ନଂ. ଓଡ଼ି୦୧ଟି-୩୪୧୦)ରେ ୧୪ଟି ଗୋରୁକୁ ବୋଝେଇ କରି ନିଆଯାଉଥିଲା। ପିକଅପ୍ ବାଉଁଶବଣିଆ ରାସ୍ତାରେ ଯାଉଥିବା ବେଳେ ନୀଳଗିରି ପୋଲିସର ପାଟ୍ରୋଲିଂ ଭ୍ୟାନ୍ ହାବୁଡରେ ପଡିଥିଲା। ଉକ୍ତ ଗାଡ଼ିକୁ ଜବତ କରାଯାଇଥିବା ବେଳେ ଗୋରୁଗୁଡ଼ିକୁ ଉଦ୍ଧାର କରାଯାଇ ରେମୁଣା ବାମପଦା ଗୋଶାଳାରେ ଛଡ଼ାଯାଇଛି। ଅନ୍ୟପକ୍ଷରେ ପିକଅପ୍ ପଛରେ ଆସୁଥିବା ଅନ୍ୟ ଏକ କାର୍ (ନଂ. ଓଡ଼ିଜ୦୧ଟି-୬୭୧୮) ଜବତ କରାଯାଇଛି। ଏନେଇ ନୀଳଗିରି ଥାନାରେ ମଙ୍ଗଳବାର ଏକ ମାମଲା (ନଂ. ୨୩୫/୨୦) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଚଢ଼ାଉରେ ସବ୍‌ଇନ୍ସପେକ୍ଟର ଗଣେଶ୍ୱର ତ୍ରିପାଠୀ ଓ ବାସୁଦେବ ଜୟସିଂ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## ଶଟ୍‌ଡାଉନ୍‌ରେ ହାଟ ବନ୍ଦ: ଚାଷୀ,ଖାଉଟି ହନ୍ତସନ୍ତ

**ବୈଶିଙ୍ଗା,୧୪।୭(ଡି.ଏନ୍.ଏ.)**

ମୟୂରଭଞ୍ଜରେ କରୋନା ସଂକ୍ରମଣ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଜିଲାର ସମସ୍ତ ସାପ୍ତାହିକ ହାଟ ଚଳିତ ମାସ ଶେଷ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ଫଳରେ ଚାଷୀ ଓ ଖାଉଟି ହନ୍ତସନ୍ତ ହେଉଛନ୍ତି। ପନିପରିବା ଦର ମଧ୍ୟ ଆକାଶଛୁଆଁ ହୋଇଯାଇଛି। ଶନିବାର ଓ ରବିବାର ଶଟ୍‌ଡାଉନ ଯୋଗୁ ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଛୋଟ ବଡ଼ ବଜାର ଅଞ୍ଚଳରେ ରାସ୍ତାକଡ଼ ଉଠାଦୋକାନୀ ପନିପରିବା ବିକୁଛନ୍ତି। ସେମାନେ ଚଢ଼ାଦରରେ ବିକ୍ରି କରୁଛନ୍ତି। ଗ୍ରାମାଞ୍ଚଳରେ ସ୍ଥିତି ସଙ୍ଗିନ ହୋଇ ପଡ଼ିଛି। ସାଧାରଣତଃ ସପ୍ତାହରେ ୨ଥର ବସୁଥିବା ହାଟ ଉପରେ ଗ୍ରାମାଞ୍ଚଳ ଲୋକେ ନିର୍ଭର କରିଥାନ୍ତି। ପରିବାଚାଷୀମାନେ ଉତ୍ପାଦିତ ଦ୍ରବ୍ୟ ଆଣି ହାଟରେ ସୁଲଭ ମୂଲ୍ୟରେ ବିକ୍ରି କରିଥାନ୍ତି ଏବଂ ବିକ୍ରି ଲବ୍ଧ ଅର୍ଥରେ ନିଜ ପରିବାର ପ୍ରତିପୋଷଣ କରିଥାନ୍ତି। ମାତ୍ର ହାଟ ସମ୍ପୂର୍ଣ୍ଣ ଭାବେ ବନ୍ଦ ରଖାଯିବା ଯୋଗୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ସେମାନେ ପନିପରିବା ବିକ୍ରି କରିପାରୁ ନ ଥିବାରୁ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଅନ୍ୟପକ୍ଷେ ଗ୍ରାମାଞ୍ଚଳ ଲୋକେ ବଜାର ଅଞ୍ଚଳକୁ ଯାଇ ଚଢ଼ାଦରରେ ପନିପରିବା କିଣି ପରିବାର ଚଳାଇବା କାଠିକର ପାଠ ହେଉଛି। ଏପରି ସ୍ଥିତିରେ ଅନ୍ତତଃ ପକ୍ଷେ ୨ଦିନ ପରିବର୍ତ୍ତେ ସାମାଜିକ ଦୂରତା ପାଳନ ପୂର୍ବକ ସପ୍ତାହରେ ଗୋଟିଏ ଦିନ ହାଟ କରାଯିବା ନିମନ୍ତେ ପ୍ରଶାସନ ଅନୁମତି ଦେବାକୁ ଦାବି ହେଉଛି।

## ଦିଲ୍ଲୀରେ ପ୍ରେମ, ଓଡ଼ିଶାରେ ଧାରଣା

**ରୂପ୍‌ସା, ୧୪।୭(ଡି.ଏନ.ଏ.)**

■ନ୍ୟାୟ ପାଇଁ ଏସ୍‌ଡିପିଓଙ୍କୁ ଭେଟିଲେ ପ୍ରତାରିତା ପ୍ରେମିକା
■ପ୍ରେମିକ ଅଟକ: ଅନ୍ୟତ୍ର ବାହାଘର ବନ୍ଦ

ଦିଲ୍ଲୀରେ ଜଣେ ସଂଖ୍ୟାଲଘୁ ଯୁବତୀଙ୍କୁ ପ୍ରେମ ପରେ ପ୍ରତାରଣା। ବିବାହ ପ୍ରତିଶ୍ରୁତି ଦେଇ ପ୍ରେମିକଜଣକ ଦୀର୍ଘ ୪ବର୍ଷ ଧରି ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା କରି ଓଡ଼ିଶା ଚାଲିଆସିଥିଲେ। ପରିବାର ଲୋକଙ୍କ ପସନ୍ଦର ଝିଅକୁ ବିବାହ ପାଇଁ ପ୍ରସ୍ତୁତି ଚାଲିଥଲା। ଏହି ଖବର ପ୍ରେମିକା ଜାଣିବା ପରେ ଓଡ଼ିଶା ଆସି ତାଙ୍କ ଘର ଆଗରେ ଧାରଣାରେ ବସି ରହିଥିଲେ। ଏହାଦେଖି ପ୍ରେମିକ ଜଣକ ଫେରାର ହୋଇଯାଇଥିଲେ। ଅନ୍ୟ ଉପାୟ ନ ପାଇ ପ୍ରତାରିତା ଯୁବତୀ ବସ୍ତା ଏସ୍‌ଡିପିଓଙ୍କଠାରେ ମଙ୍ଗଳବାର ଲିଖିତ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି। ପୋଲିସ ପ୍ରେମିକଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ସମ୍ପୃକ୍ତ ଯୁବକଙ୍କ ଘର ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଞ୍ଚଳରେ। ସେ ଦୀର୍ଘଦିନ ଧରି ନଏଡ଼ାର ଏକ କମ୍ପାନୀରେ ଚାକିରି କରୁଥିଲେ। ସେଠାରେ ରହୁଥିବା କଲିକତାର ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସେ ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିଛିଦିନ ହେଲା ଯୁବକଜଣକ ଘରକୁ ଆସିଥିଲେ। ଏଠାରେ ତାଙ୍କର ଅନ୍ୟ ଜଣେ ଝିଅ ସହ ମଙ୍ଗଳବାର ବାହାଘର ଠିକ୍ ହୋଇଥିଲା। ପ୍ରେମିକାଜଣକ ଖୋଜିଖୋଜି ଆସି ସହଦେବଖୁଣ୍ଟା ଥାନାରେ ପହଞ୍ଚି ସବୁ କଥା ଜଣାଇଥିଲେ। ସୋମବାର ସେ ପ୍ରେମିକଙ୍କ ଘରେ ପହଞ୍ଚି ବିବାହ କରିବାକୁ ଦାବି କରି ଧାରଣାରେ ବସି ରହିଥିଲେ। ବାହାଘର ପାଇଁ ଉପସ୍ଥିତ ବନ୍ଧୁବାନ୍ଧବ, ପରିବାରବର୍ଗ ଓ ସମ୍ପର୍କୀୟ ଘଟଣା ଦେଖି ଚକିତ ହୋଇଯାଇଥିଲେ। ରୂପ୍‌ସା ଆଇଆଇସି ସେଠାରେ ପହଞ୍ଚି ଯୁବକଜଣକ ଫେରାର ଥିବା ଜାଣିବା ପରେ ମଙ୍ଗଳବାର ସମାଧାନର ରାସ୍ତା ବାହାର କରାଯିବ ବୋଲି କହି ଅନ୍ୟତ୍ର ହେବାକୁ ଥିବା ବାହାଘରକୁ ବନ୍ଦ କରିଦେଇଥିବା ଜଣାପଡିଛି।

## ପୋଲରେ ପିଟି ହୋଇ ବାଇକ୍ ଆରୋହୀ ମୃତ

**ଚିତ୍ରଡ଼ା,୧୪।୭(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ଭାଲିଆଡ଼ିହା ଛକରେ ବାଇକ୍ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କୁଳିଅଣା ଥାନା ଅନ୍ତର୍ଗତ କୁଡ଼ିଆପାଳ ଗାଁର ଝୁଝର ହାଁସଦା(୨୦)। ଗୁରୁତର ଆହତ ସାମଲ ମାରାଣ୍ଡି(୨୭)ଙ୍କୁ ଚିକିତ୍ସାପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୋମବାର ବିଳମ୍ବିତ ରାତିରେ ଉଭୟ ଏକ ବାଇକ୍‌ରେ ଚିତ୍ରଡ଼ା ଡାଙ୍ଗରବିଲାସ୍ଥିତ ସମ୍ପର୍କୀୟଙ୍କ ଘରୁ ଫେରୁଥିବା ସମୟରେ ଭାରସାମ୍ୟ ହରାଇ ଭାଲିଆଡ଼ିହା ପୋଲରେ ପିଟି ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ଝୁଝରଙ୍କ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ସକାଳେ ବଡ଼ଜାମବଣି ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମ ମେଡିକାଲକୁ ପଠାଇଥିଲେ। ଏନେଇ ଏକ ମାମଲା(ନଂ.୧୫୨/୨୦୨୦) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

## ଅନ୍ଧାରରେ ବିତିଲାଣି ମାସେ


ନେସ୍କୋ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ଧାରଣା ଦେଇଛନ୍ତି।

**ଖଇରା, ୧୪।୭(ଡି.ଏନ.ଏ.)**

**ନେସ୍କୋ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀଙ୍କ ଧାରଣା**

ବାଲେଶ୍ୱର ଜିଲା ଖଇରା ବ୍ଲକ କଇଥଗଡିଆ ପଞ୍ଚାୟତ ଅଧୀନ ପାତ୍ରଖୁଣ୍ଟା ଗ୍ରାମର ଟ୍ରାନ୍ସଫର୍ମର ପୋଡିବା ପରେ ଗ୍ରାମବାସୀ ଜୁନ୧୪ତାରିଖରୁ ଅନ୍ଧାରରେ ରହିଛନ୍ତି। ପ୍ରତିବାଦରେ ଗ୍ରାମର କୁନା ଦାସ, ସହଦେବ ପାତ୍ର, ବିଭୂତି ପାତ୍ର, ଗୌତମ ପାତ୍ର, କାଳିଆ ପାତ୍ର, କ୍ଷୀରୋଦ ପାତ୍ର, ତପନ ପାତ୍ର, ବଳରାମ ପାତ୍ରଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଖଇରା ନେସ୍କୋ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଥିଲେ। ସହକାରୀ ଯନ୍ତ୍ରୀ ମୀନକେତନ ମହାପାତ୍ର ଖୁବ୍‌ଶୀଘ୍ର ଟ୍ରାନ୍ସଫର୍ମର ବସାଇବାର ବ୍ୟବସ୍ଥା କରାଯାଉଥିବା ନେଇ ଲିଖିତ ଚିଠି ଦେଖାଇବା ପରେ ଗ୍ରାମବାସୀ ଧାରଣା ପ୍ରତ୍ୟାହାର କରିଥିଲେ । ମାସାଧିକ କାଳ ୩ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଅନ୍ଧାରରେ ଛଟପଟ ହେଉଥିବା ବେଳେ ଅଧିକାରୀମାନେ ବିଦ୍ୟୁତ ସଂଯୋଗ ପାଇଁ ତତ୍ପରତା ପ୍ରକାଶ କରୁ ନ ଥିବା ଅଭିଯୋଗରେ ଗ୍ରାମବାସୀଙ୍କ ତରଫରୁ ଧାରଣା ଦିଆଯାଇଥିଲା ।

# ଅଫିସ୍‌ରେ ଭଡ଼ାଟିଆ ଠିକାସଂସ୍ଥା

**ପରଜଙ୍ଗ, ୧୪।୭(ଡି.ଏନ.ଏ.)**

- ଠିକାଦାରଙ୍କ ଅକ୍ତିଆରରେ ପରଜଙ୍ଗ ଆର୍‌ଡବ୍ଲ୍ୟୁଏସ୍‌ଏସ୍-୧ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
- ୮ ବର୍ଷ ହେଲା ଭଡ଼ାସୂତ୍ରରେ ଲାଗିଛି, ମାସିକ ଆଦାୟ ହେଉଛି ୧୨ ହଜାର ଟଙ୍କା

ଢେଙ୍କାନାଳ ଜିଲା ପରଜଙ୍ଗସ୍ଥିତ ଜଳ ଓ ପରିମଳ ବିଭାଗ (ଆର୍‌ଡବ୍ଲ୍ୟୁଏସ୍‌ଏସ୍)-୧ ଯନ୍ତ୍ରୀଙ୍କ ସରକାରୀ କାର୍ଯ୍ୟାଳୟ ଓ ବାସଭବନ ୮ବର୍ଷ ହେଲା ଭଡ଼ାରେ ଲାଗିଛି। ଜଣେ ଠିକାସଂସ୍ଥାଙ୍କୁ ମାସିକ ୧୨ ହଜାର ଟଙ୍କାରେ ଉକ୍ତ ଅଫିସ୍ ଭଡ଼ାସୂତ୍ରରେ ଦିଆଯାଇଛି। ଦୁଇ ଯନ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବିବାଦ ସୃଷ୍ଟି ହେବା ଏବଂ ଠିକାସଂସ୍ଥାର ଜଣେ କର୍ମଚାରୀ ଏହି ତଥ୍ୟ ପ୍ରଘଟ କରିବା ପରେ ଘଟଣା ଚର୍ଚ୍ଚାକୁ ଆସିଛି।

ଅଞ୍ଚଳବାସୀଙ୍କ କହିବା କଥା, ତାଳଚେର ଅଞ୍ଚଳର ସମ୍ପୃକ୍ତ ଠିକାଦାର ଜିଲାର ବିଭିନ୍ନ ଅଞ୍ଚଳରେ ଟେଣ୍ଡର ପକାଇ ଓଭର ହେଡ୍ ପାଣି ଟାଙ୍କି, ପାଇପ୍ ବିଛାଇବା ଆଦି କାର୍ଯ୍ୟ କରୁଛନ୍ତି। ଏବେ କାର୍ଯ୍ୟାଳୟରେ ଠିକାସଂସ୍ଥାର ବିଭିନ୍ନ ଉପକରଣ ରଖାଯାଉଛି। ଏହା ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ସରକାରୀ କୋଠାରେ ରହୁଛନ୍ତି। ଅଧିକାଂଶ ସମୟ କାର୍ଯ୍ୟାଳୟ ଫାଟକରେ ତାଲା ଝୁଲୁଛି। ଅଞ୍ଚଳର କେହି ଅଭିଯୋଗ ଧରି ଗଲେ କର୍ମଚାରୀମାନେ ଇଚ୍ଛା ମୁତାବକ ଗେଟ୍ ଖୋଲୁଛନ୍ତି। ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରକାରୀ କାର୍ଯ୍ୟାଳୟକୁ ଅକ୍ତିଆରରେ ରଖିଥିବା ଠିକାସଂସ୍ଥାକୁ ତୁରନ୍ତ ବାହାର କରିବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ସେମାନେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



କାର୍ଯ୍ୟାଳୟ ପରିସରରେ ରଖାଯାଇଥିବା ଠିକାସଂସ୍ଥାର ସାମଗ୍ରୀ।

ଅଭିଯୋଗ ସମ୍ପର୍କରେ ଯନ୍ତ୍ରୀ ତ୍ରିଲୋଚନ ପ୍ରଧାନ କୁହନ୍ତି, କାର୍ଯ୍ୟାଳୟରେ ପିଅନ କିମ୍ବା ରାତ୍ର ଜଗୁଆଳି ନ ଥିବାରୁ ଠିକାସଂସ୍ଥାକୁ କାର୍ଯ୍ୟାଳୟ ଜଗାରଖା କରିବାକୁ ଦିଆଯାଇଛି। ତାଙ୍କ ପୂର୍ବରୁ ଥିବା ଯନ୍ତ୍ରୀ ହେମନ୍ତ କୁମାର ନାୟକ ଏହି ସରକାରୀ କାର୍ଯ୍ୟାଳୟ ଭଡ଼ାରେ ଲଗାଇଥିଲେ। ତାଙ୍କ ସମୟରେ ଲକ୍ଷାଧିକ ଟଙ୍କାର ସରକାରୀ ସ୍କ୍ରାପ୍ ପରମହଂସପୁରଠାରେ ଥିବା କବାଡ଼ିଆ ଦୋକାନରେ ବିକ୍ରି କରାଯାଇଛି। ଏହି ଟଙ୍କାକୁ ପୂର୍ବତନ ଯନ୍ତ୍ରୀ ଏବଂ ଠିକାସଂସ୍ଥା କର୍ମଚାରୀ ଭାଗବାଣ୍ଟି ନେଇଛନ୍ତି। ଏହି ଘଟଣାକୁ ନେଇ ପୂର୍ବତନ ଯନ୍ତ୍ରୀ ଏବଂ ଠିକାସଂସ୍ଥା କର୍ମଚାରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା ବୋଲି ଯନ୍ତ୍ରୀ ପ୍ରଧାନ କହିଛନ୍ତି। ତେବେ କାର୍ଯ୍ୟାଳୟରେ ରାତ୍ର ଜଗୁଆଳି ନୀଳମଣି ପାଣି ଏବଂ ପିଅନ ବିଶ୍ୱଜିତ ନାୟକ ନିୟୋଜିତ ଅଛନ୍ତି। ହେଲେ ଅଫିସରେ ନାଇଟ୍ ୱାଚର ଏବଂ ପିଅନ ନ ଥିବାରୁ ସରକାରୀ କାର୍ଯ୍ୟାଳୟ ଠିକାସଂସ୍ଥାକୁ ଜଗାରଖା କରିବାକୁ ଦିଆଯାଇଥିବା ଯନ୍ତ୍ରୀ ପ୍ରଧାନ କହିବା ଘଟଣାକୁ ରହସ୍ୟାବୃତ୍ତ କରିଛି। ଏ ନେଇ ପୂର୍ବତନ ଯନ୍ତ୍ରୀ ହେମନ୍ତ କୁମାର ନାୟକ କୁହନ୍ତି, ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଅମୂଳକ। ସେ ଓଲଟି ବର୍ତ୍ତମାନର ଯନ୍ତ୍ରୀ ତ୍ରିଲୋଚନ ପ୍ରଧାନଙ୍କ ଉପରେ ଦୋଷ ଲଦିଛନ୍ତି। ସେ କହିଛନ୍ତି ଯନ୍ତ୍ରୀ ପ୍ରଧାନ ଉକ୍ତ ଠିକାସଂସ୍ଥା ସହାୟତାରେ ବିଭିନ୍ନ ସରକାରୀ ଯନ୍ତ୍ରପାତି ବିକ୍ରି କରୁଛନ୍ତି। ସରକାରୀ କୋଠା ଭଡ଼ାରେ ଲାଗିବା ସମ୍ପର୍କରେ ବିଡିଓ ବସନ୍ତ କୁମାର ମଲ୍ଲିକଙ୍କ ମତାମତ ଲୋଡ଼ାଯିବାରୁ ସେ କହିଛନ୍ତି, ଅଭିଯୋଗ ହୋଇଛି। ଘଟଣା କ'ଣ ହୋଇଛି ସେ ନେଇ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ବିଡିଓ ସୂଚନା ଦେଇଛନ୍ତି।

# ଭୋଜିଭାତରେ ମାତିଲେଣି

**କାମାକ୍ଷାନଗର, ୧୪।୭(ଡି.ଏନ.ଏ.)**

**କାମାକ୍ଷାନଗର ଏନ୍‌ଏସିରେ ବଢ଼ୁଛି ଗୋଷ୍ଠୀ ସଂକ୍ରମଣ ଆଶଙ୍କା**

ରୋଗ ନ ଥିବା ସମୟରେ ନିଆଯାଉଥିଲା କାର୍ଯ୍ୟାନୁଷ୍ଠାନ। ବାହାରକୁ ଗୋଡ଼ କାଢ଼ିବାକୁ ଦେଉ ନ ଥିଲା ପୋଲିସ। ଅମାନିଆଙ୍କଠାରୁ ଆଦାୟ କରାଯାଉଥିଲା ହଜାର ହଜାର ଟଙ୍କାର ଜରିମାନା। ହେଲେ ସଂକ୍ରମଣ ବଢ଼ିବା ବେଳକୁ ଶିଥିଳ ପଡ଼ିଯାଇଛି କାର୍ଯ୍ୟାନୁଷ୍ଠାନ। କଟକଣାକୁ ବେଖାତିର କରି ହାଟ ବସୁଛି। ଦୋକାନରେ ସାମାଜିକ ଦୂରତ୍ୱ ନାହିଁ। ଯୁବକମାନେ ବାଇକ୍‌ରେ ମାସ୍କ ନ ପିନ୍ଧି ବୁଲୁଛନ୍ତି। ଗଳିଗନ୍ଦିରେ ଖଟି ଚାଲିଛି। ଭୋଜିଭାତ, ଶୁଦ୍ଧିକ୍ରିୟା ହେଉଛି। ଶତାଧିକ ଲୋକଙ୍କୁ ନିମନ୍ତ୍ରଣ କରାଯାଉଛି। କାମାକ୍ଷାନଗର ଏନ୍‌ଏସି ଏବଂ ଗ୍ରାମାଞ୍ଚଳରେ ଏପରି ଅସମ୍ଭାଳ ଭିଡ଼ କରୋନା ସଂକ୍ରମଣ ଆଶଙ୍କା ବଢ଼ାଉଥିବାବେଳେ ପ୍ରଶାସନ ସବୁଜାଣି ନ ଜାଣିବା ଭଳି ଅଭିନୟ କରିବା ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ବଢ଼ାଉଛି।

ସୂଚନା ଅନୁଯାୟୀ, ରବିବାର ଓ ସୋମବାର ସହରରେ ୧୦ ବିବାହ ଉତ୍ସବ ଧୂମଧାମ୍‌ରେ ଆୟୋଜିତ ହୋଇଥିଲା। ସରକାରଙ୍କ ନିୟମକୁ ବେଖାତିର କରି ପ୍ରତି ଭୋଜିରେ ଶତାଧିକ ଲୋକ ଏକାଠି ହୋଇଥିଲେ। ବାହାର ଲୋକଙ୍କୁ ଢେଙ୍କାନାଳ ଜିଲାରେ ପ୍ରବେଶ ଉପରେ କଟକଣା ଜାରି କରାଯାଇଥିବାବେଳେ ଏହାକୁ ମଧ୍ୟ ଉଲ୍ଲଂଘନ କରାଯାଉଥିବା ଦେଖିବାକୁ ମିଳିଛି। ଏ ଦିଗରେ ପ୍ରଶାସନ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଗୋଷ୍ଠୀ ସଂକ୍ରମଣକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ବୁଦ୍ଧିଜୀବୀମାନେ ଆଶଙ୍କା କରୁଛନ୍ତି। ଏ ନେଇ ଉପଜିଲାପାଳ ଇଂ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ କୁହନ୍ତି, ଲୋକମାନଙ୍କ ଉପରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। କେହି ନିୟମ ଭାଙ୍ଗିବା ଅଭିଯୋଗ ଆସିଲେ ଚଢ଼ାଉ କରାଯାଉଛି। ପୋଲିସ ପାଟ୍ରୋଲିଂ ଯେମିତି କଡ଼ାକଡ଼ି ଥିଲା ସେମିତି ରହିବ ବୋଲି ସେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଶ୍ରମିକ ସଂଘର ଅନ୍‌ଲାଇନ୍ ପ୍ରତିବାଦ

**ଅନୁଗୋଳ ଅଫିସ୍, ୧୪।୭:** କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏଆଇୟୁଟିୟୁସି ଓଡ଼ିଶା ରାଜ୍ୟ କମିଟି ଆହ୍ୱାନରେ ନାଲ୍‌କୋ ସ୍ମେଲଟର ଶ୍ରମିକ ସଂଘ ପକ୍ଷରୁ ନାଲକୋନଗର ଠାରେ ଅନ୍‌ଲାଇନ୍ ପ୍ରତିବାଦ ଅନୁଷ୍ଠିତ ହୋଇଯାଇଛି। ଦୁଇ ବର୍ଷ ପର୍ଯ୍ୟନ୍ତ ନୂତନ ନିଯୁକ୍ତି ବନ୍ଦ ଓ ପଦବୀ ଉଚ୍ଛେଦ ନିଷ୍ପତ୍ତି ପ୍ରତ୍ୟାହାର କରିବା, କାରଖାନା ଆଇନ-୧୯୪୮ ଓ ଶିଳ୍ପ ବିବାଦ ଆଇନ ୧୯୪୭କୁ ସଂଶୋଧନ ବନ୍ଦ କରିବା, ଦୈନିକ କାର୍ଯ୍ୟ ୮ ଘଣ୍ଟାରୁ ୧୨ ଘଣ୍ଟା ବୃଦ୍ଧି ନିଷ୍ପତ୍ତି ପ୍ରତ୍ୟାହାର, ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟକୁ ଉପଯୁକ୍ତ ମୂଲ୍ୟ ଦେଇ କ୍ରୟ କରିବା ଆଦି ଦାବିରେ ଏହି ପ୍ରତିବାଦ କରାଯାଇଥିଲା। ନାଲ୍‌କୋ ସ୍ମେଲଟର ଶ୍ରମିକ ସଂଘ ସଭାପତି କୈଳାସ ଭୋଇ, କାର୍ଯ୍ୟକାରୀ ସଭାପତି ଭାଦା ହାଁସଦା, ସାଧାରଣ ସମ୍ପାଦକ ନାରାୟଣ ସେଠୀ, ଉପସଭାପତି ନୀଳାମ୍ବର ରଥ, ଶୁକଦେବ ସିଂହ, ଏଆଇୟୁଟିୟୁସି ଜିଲା ସମ୍ପାଦକ ବ୍ରଜବନ୍ଧୁ ସାହୁ ପ୍ରମୁଖ ପ୍ରତିବାଦ କରିଥିଲେ।

### ଜବରଦଖଲ ଉଚ୍ଛେଦ ଦାବି

**ଆଠମଲ୍ଲିକ,୧୪।୭(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ପତାକା ଗ୍ରାମର ଖେଳପଡିଆର କିଛି ଅଂଶ ଜବରଦଖଲରେ ଥିବାରୁ ଏ ନେଇ ଅଷ୍ଟକୀଳା ଯୁବକ ସଂଘ ଓ ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ପୂର୍ବରୁ ମଧ ସଂଘ ପକ୍ଷରୁ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ୨ ଥର ଅଭିଯୋଗ କରାଯାଇଥିଲା। ମାତ୍ର ଏଯାଏ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ମଙ୍ଗଳବାର ସଂଘ ଓ ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳଙ୍କୁ ଅଭିଯୋଗ କରାଯାଇଛି। ତୁରନ୍ତ ଜବରଦଖଲ ଉଚ୍ଛେଦ କରାଯିବାକୁ ସଂଘ ସଭାପତି ଲମ୍ବୋଦର ପ୍ରଧାନ, ସମ୍ପାଦକ ବୁଦ୍ଧିମାନ ମେହେର ଓ ଗ୍ରାମବାସୀ ଦାବି କରିଛନ୍ତି।

### ୬ ପଞ୍ଚାୟତ ଶଟ୍‌ଡାଉନ

**ବନ୍ତଲା,୧୪।୭(ଡି.ଏନ.ଏ.):** ଅନୁଗୋଳ ଜିଲା ବନ୍ତଲା ଅଞ୍ଚଳରେ ଜଣେ କରୋନା ପଜିଟିଭ୍ ଚିହ୍ନଟ ପରେ ସୁରକ୍ଷା ଦୃଷ୍ଟିରୁ ପୋକତୁଙ୍ଗା, ଧୋକୁଟା, ନନ୍ଦପୁର, ଶଙ୍ଖପୁର, ବନ୍ତଲା ଓ କୁମୁରିସିଙ୍ଗା ପଞ୍ଚାୟତକୁ ଶୁକ୍ରବାର ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରାଯାଇଛି। ଏହାକୁ ପଞ୍ଚାୟତବାସୀ ସମର୍ଥନ କରିଛନ୍ତି। କେବଳ ମେଡିସିନ, କୃଷି ସାମଗ୍ରୀ ଓ କ୍ଷୀର ଦୋକାନକୁ ଛାଡିଦେଲେ ଉକ୍ତ ୬ଟି ପଞ୍ଚାୟତରେ ସମସ୍ତ ଦୋକାନ ବନ୍ଦ ରହିଛି। ସେହିପରି ବାରଗୌଣିଆ, ବାଲୁଅକଟା ଓ ଖୁଣ୍ଡା ପଞ୍ଚାୟତବାସୀ ମଧ ସମର୍ଥନ ଜଣାଇବା ସହିତ ଗ୍ରାମରେ ଡେଙ୍ଗୁରା ମାଧମରେ ଲୋକଙ୍କୁ ସଚେତନ କରାଇଛନ୍ତି। ଅଧିକ କରୋନା ସଂକ୍ରମିତ ଚିହ୍ନଟ ହେଲେ ଗ୍ରାମକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯିବ ବୋଲି ଜିଲାପାଳ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି।

### ଗଣ୍ଡଗୋଳ, ୨ କୋର୍ଟଚାଲାଣ

**ଅନୁଗୋଳ ଅଫିସ, ୧୪।୭:** ଅନୁଗୋଳ ଥାନା ବଲାସିଂହା ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଗଣ୍ଡଗୋଳ ହୋଇଛି। ଏହି ଘଟଣାରେ ଗାଁର ପ୍ରମୋଦ ବାରିକ ଗୁରୁତର ହୋଇଥିବା ବେଳେ ତାଙ୍କୁ ଆକ୍ରମଣ ଅଭିଯୋଗରେ ଦୁର୍ଯ୍ୟୋଧନ ସାହୁ ଓ ସରୋଜ ସାହୁଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ଥାନା ପକ୍ଷରୁ ସୂଚନା ମିଳିଛି। ପୋଲିସ କହିଛି ୫ ବର୍ଷ ପୂର୍ବରୁ ଉଭୟ ପରିବାର ମଧରେ ଜାଗାବାଡ଼ିକୁ ନେଇ ବିବାଦ ଦେଖାଦେଇଥିଲା। ସୋମବାର ସନ୍ଧ୍ୟାରେ ଗଣ୍ଡଗୋଳ ହୋଇଥିଲା। ଅନ୍ୟପକ୍ଷରେ ଗିରଫ ଦୁଇ ଭାଇଙ୍କ ବାପା ଜୟକୃଷ୍ଣ ସାହୁ ପ୍ରମୋଦଙ୍କ ନାମରେ ମଙ୍ଗଳବାର ଲିଖିତ ଅଭିଯୋଗ କରିଛନ୍ତି।

### ଦିନକରେ ୧୫ ପଜିଟିଭ୍

**ଅନୁଗୋଳ ଅଫିସ୍, ୧୪।୭:** ଅନୁଗୋଳ ଜିଲାରୁ ମଙ୍ଗଳବାର ୧୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହି ୧୫ ଜଣଙ୍କୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୫୪ରେ ପହଞ୍ଚିଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରୁ ବଣ୍ଡରପାଳ ବ୍ଲକର ୬ ଜଣ ରହିଛନ୍ତି। ଏକ ଶିଳ୍ପ ସଂସ୍ଥା ଅଞ୍ଚଳରୁ ୪ ଜଣ ଓ ବାହାରୁ ୨ ଜଣ ଚିହ୍ନଟ ହୋଇଛନ୍ତି। ସେହିପରି କିଶୋରନଗର ବ୍ଲକ ଅଞ୍ଚଳର ଚିହ୍ନଟ ୬ ଜଣଙ୍କ ମଧ୍ୟରୁ ୨ଜଣ ଏସ୍‌ସିବି ମେଡିକାଲରୁ ଫେରିଥିବାବେଳେ ୪ ଜଣ ଗଞ୍ଜାମ ଫେରନ୍ତା ବୋଲି ସୂଚନା ଦିଆଯାଇଛି। ତାଳଚେର ବ୍ଲକ ଅଞ୍ଚଳର ୨ ଜଣ ଓ ପାଲଲହଡ଼ା ବ୍ଲକ ଅଞ୍ଚଳର ଜଣେ ୨୩ ବର୍ଷୀୟା ମହିଳା ଆକ୍ରାନ୍ତ ହୋଇଛନ୍ତି। ବୁଧବାର ସୁଦ୍ଧା ସମସ୍ତଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯିବ।

# ପୁସିଂ ବ୍ରିଜ୍ ତଳେ ୩ ଫୁଟର ପାଣି



ବ୍ରିଜ୍ ତଳେ ଜମିରହିଥିବା ବର୍ଷା ପାଣି।

**ବଇଣ୍ଡା,୧୪।୭(ଡି.ଏନ.ଏ.)**

କିଶୋରନଗର ବ୍ଲକ ଆମ୍ବପାଳଠାରେ ରେଳ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ପୁସିଂ ବ୍ରିଜ୍ ତଳେ ୩ ଫୁଟର ପାଣି ଜମି ରହିଛି। ଫଳରେ ମଙ୍ଗଳବାର ଆମ୍ବପାଳ-ଝରାବେରେଣୀ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି।

ପ୍ରକାଶ ଯେ, ୫୫ନଂ. ଜାତୀୟ ରାଜପଥରୁ ଆମ୍ବପାଳ ଦେଇ ଝରାବେରେଣୀ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ପକ୍କା ରାସ୍ତା ନିର୍ମାଣ ହୋଇଛି। ଏହି ରାସ୍ତା ଉପରେ ଆମ୍ବପାଳ, ଗାଡ଼ଘୁମୁରା, ଝରାବେରେଣୀ, କରଡ଼ିଙ୍ଗବାହାଳ, ଘୋଷର, ଗୁଜାପଥର, ବର୍ବତପାଲି, ସରିଗିପାଲି ସମେତ ୧୫ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଯାତାୟାତ ପାଇଁ ନିର୍ଭର କରୁଛନ୍ତି। ୨୦୧୮ରେ ଏହି ପୁସିଂ ବ୍ରିଜ୍ ନିର୍ମାଣ କରାଯାଇଥିଲେ ହେଁ ବର୍ଷାପାଣି ନିଷ୍କାସନ ପାଇଁ ଡ୍ରେନ୍ ବ୍ୟବସ୍ଥା କରାଯାଇ ନାହିଁ। ଫଳରେ ସୋମବାର ବର୍ଷା ପରେ ବ୍ରିଜ୍ ତଳେ ୩ ଫୁଟର ପାଣି ଜମିରହିଛି। ତୁରନ୍ତ ରେଲୱେ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଆମ୍ବପାଳ ଗ୍ରାମବାସୀ ଦାବି କରିଛନ୍ତି।

# ଆନ୍ଦୋଳନ କରିବ ଏସ୍‌ୟୁସିଆଇ

**ଅନୁଗୋଳ ଅଫିସ୍, ୧୪।୭**

କରୋନା ମହାମାରୀ ସମୟରେ ଜନସାଧାରଣଙ୍କ ସ୍ୱାର୍ଥକୁ ଗୁରୁତ୍ୱଦେବା ପରିବର୍ତ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ବୋଝ ଉପରେ ନଳିତା ବିଡା ଭଳି ଗୋଟିଏ ପରେ ଗୋଟିଏ ଜନବିରୋଧୀ ନୀତି ଗ୍ରହଣ କରୁଛନ୍ତି। ତୈଳଦର ବୃଦ୍ଧି ସହ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶଛୁଆଁ ମୂଲ୍ୟବୃଦ୍ଧି ଘଟୁଛି। ଏହାର ପ୍ରତିବାଦ ସହ ୧୭ ଦଫା ଦାବିରେ ଆସନ୍ତା ୧୭ ତାରିଖରେ ଜିଲାବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଚେତାବନୀ ଦିଆଯାଇଛି।

# ଭାଲୁ ମାରିବା ଅଭିଯୋଗରେ ୨ ଗିରଫ

**ବଇଣ୍ଡା,୧୪।୭(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ ଅର୍ଜ୍ଜୁନଧରା ଗ୍ରାମରେ ମଙ୍ଗଳବାର ଏକ ଗାଡ଼ଭାଲୁକୁ ମାରିଦେବା ଅଭିଯୋଗରେ କାର୍ତ୍ତିକ କାନ୍ଧିଆ ଓ ଭରତ କାନ୍ଧିଆଙ୍କୁ ଗିରଫ କରାଯାଇଛି। ବନ ବିଭାଗ ଅଧିକାରୀ କହିଛନ୍ତି, ନିକଟସ୍ଥ ଜଙ୍ଗଲରୁ ଏକ ୩ବର୍ଷର ଗାଡ଼ଭାଲୁ ଗାଁ ମଧ୍ୟକୁ ପଳାଇ ଆସି ଭରତଙ୍କ ଗାଈକୁ ଆକ୍ରମଣ କରିଥିଲା। ଏହା ଦେଖି ଭରତ ଓ କାର୍ତ୍ତିକ ଭାଲୁକୁ ଆକ୍ରମଣ କରି ମାରିଦେଇଥିଲେ। ଆଠମଲ୍ଲିକ ଏସିଏଫ୍ ଗୌରୀଶଙ୍କର ଦାସ, ରେଞ୍ଜର ଚୈତନ୍ୟ ବେହେରା, ଫରେଷ୍ଟର ସଞ୍ଜୟ କୁମାର ବେହେରା ପ୍ରମୁଖ ପହଞ୍ଚି ଭାଲୁର ମୃତଦେହ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

# ଭତ୍ତା ଦେଇ ରାଶନ କାଟିଦେଲେ

**କଣିହାଁ,୧୪।୭(ଡି.ଏନ.ଏ.)**

- ଦିବ୍ୟାଙ୍ଗଙ୍କ ସହ ପ୍ରଶାସନର ଅନ୍ୟାୟ
- ଅସୁବିଧାରେ ଦୃଷ୍ଟିହୀନ ଉପାସୀ ନାଏକ
- ବିଡିଓ କହିଲେ ତୁରନ୍ତ ବ୍ୟବସ୍ଥା କରାଯିବ

ଜନ୍ମରୁ ଦୃଷ୍ଟିହୀନ। ତେଣୁ ଆଧାରକାର୍ଡ ନାହିଁ। ଏହା ଜାଣି ବି ଜଣେ ଦିବ୍ୟାଙ୍ଗଙ୍କ ସହ ଅନ୍ୟାୟ କରାଯାଇଛି। ମାତ୍ର କେଇମାସ ତଳେ ଭତ୍ତା ଯୋଜନାରେ ତାଙ୍କୁ ସାମିଲ କରାଯାଇଥିବା ବେଳେ ଏବେ ଆଧାରକାର୍ଡ ନ ଥିବାକୁ ଆଳ କରି ରାଶନ କାଟି ଦିଆଯାଇଛି। ପ୍ରଶାସନର ଏପରି କାର୍ଯ୍ୟ ଯୋଗୁ ଅନ୍ନପୂର୍ଣ୍ଣା ଯୋଜନାରେ ମାସକୁ ମିଳୁଥିବା ୧୦ କିଲୋ ଚାଉଳ ଆଉ ପାଇପାରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ଅନୁଗୋଳ ଜିଲା କଣିହାଁ ବ୍ଲକ ବଡ଼ଗୁଣ୍ଡୁରୀ ପଞ୍ଚାୟତ ବଡ଼ହୀରା ଗ୍ରାମର ଉପାସୀ ନାଏକ (୬୯)।

ଉପାସୀ କହିଛନ୍ତି, ମା' ବାପାଙ୍କ ମୃତ୍ୟୁ ପରଠାରୁ ତାଙ୍କ ଜୀବନ ଅତି ଅସହାୟ ହୋଇପଡ଼ିଛି। ଅନ୍ୟତ୍ର ଯିବା ଆସିବାରେ ଅସୁବିଧା ହେଉଛି। ବଖରାଏ ଚାଳ ଛପର ହିଁ ତାଙ୍କର ଏକମାତ୍ର ଆଶ୍ରା। ପୂର୍ବରୁ ପ୍ରତି ମାସରେ ଅନ୍ନପୂର୍ଣ୍ଣା ଯୋଜନାରେ ସରକାର ଦେଉଥିବା ୧୦ କିଲୋ ଚାଉଳରେ ଚଳିଯାଉଥିଲେ। ବହୁ



ଉପାସୀ ନାଏକ।

ବିଳମ୍ବରେ ମାତ୍ର କିଛିମାସ ତଳୁ ତାଙ୍କୁ ଭତ୍ତା ମିଳୁଛି। ହେଲେ ସେବେଠାରୁ ରାଶନ ସାମଗ୍ରୀ ପ୍ରଦାନ କରାଯାଉ ନାହିଁ। ବହୁ କଷ୍ଟରେ ପ୍ରଶାସନ ନିକଟରେ ପହଞ୍ଚି ଆଧାରକାର୍ଡ ନେଇ କାକୁତିମିନତି କରିଥିଲେ। ହେଲେ ଆଖି ନ ଥିବାରୁ ଆଧାରକାର୍ଡ ହୋଇପାରିବନି କହି ଫେରାଇ ଦିଆଗଲା। ୨ ମାସ ପୂର୍ବରୁ କେଉଁ ଯୋଜନାରେ ସରକାର ଡାଲି ଚାଉଳ ଦେଇଥିଲେ ତାହା ଜାଣିନାହିଁ। ସେଥିରେ କିଛିଦିନ ଚଳିଗଲା। ଏବେ ଭତ୍ତା ଅର୍ଥ ଡାଲି, ଚାଉଳକୁ ନିଅଣ୍ଟ ପଡୁଥିବାରୁ କଷ୍ଟ ବଢ଼ିଯାଇଥିବା ଉପାସୀ ପ୍ରକାଶ କରିଛନ୍ତି। କଣିହାଁ ବିଡିଓ ରମେଶ କୁମାର ଜେନା କହିଛନ୍ତି, ଏପରି ଘଟଣା ଦୃଷ୍ଟିକୁ ଆସି ନ ଥିଲା। ଦୃଷ୍ଟିହୀନ ଅସହାୟ ଦିବ୍ୟାଙ୍ଗଙ୍କ ପାଇଁ ଆଧାରକାର୍ଡ ଜରୁରୀ ନୁହେଁ। ଉପାସୀଙ୍କୁ ତୁରନ୍ତ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ନେଇ ବ୍ୟବସ୍ଥା କରାଯିବ।

# ତୈଳଦର ବୃଦ୍ଧିକୁ ଯୁବ କଂଗ୍ରେସର ବିରୋଧ

**ଅନୁଗୋଳ ଅଫିସ, ୧୪।୭**

ଅନୁଗୋଳ ଜିଲା ଯୁବ କଂଗ୍ରେସ ପକ୍ଷରୁ ତୈଳ ଦର ବୃଦ୍ଧିର ପ୍ରତିବାଦ କରାଯାଇଛି। ସହରର ଘୋଡ଼ାଛକ ନିକଟରୁ କଂଗ୍ରେସ କର୍ମୀମାନେ ଗାଡ଼ି ଗୁଡ଼ିକ ଟାଣି ଟାଣି ଏହି ପ୍ରତିବାଦ କରିଥିଲେ। ଜିଲା ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଲୁଟୁ ରଞ୍ଜନ ଥାପାଙ୍କ ନେତୃତ୍ୱରେ ବଲବୀର ସିଂ, ନରୋତ୍ତମ ନାଏକ, ଲୁଲୁ ପାଣିଗ୍ରାହୀ, ପ୍ରଦ୍ୟୁମ୍ନ ସାହୁ, ରଞ୍ଜିତ ଗଡ଼ନାୟକ, ବିକି ପ୍ରଧାନ, ଅଭିଷେକ ନାଏକ, ସଂଗ୍ରାମ ବେହେରା, ମହମ୍ମଦ ଆମୀର, ମାନସ ବିଶ୍ୱାଳ, ସିପୁନ ପଲେଇ, ଶୀତିକଣ୍ଠ ମିଶ୍ର, ବିଶ୍ୱଜିତ ବିଶ୍ୱାଳ, ସୁଜିତ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ନାଳକୁ ଖସିଲା ଟ୍ୟାଙ୍କର

**ରାସୋଳ, ୧୪।୭(ଡି.ଏନ.ଏ.)**

ରାସୋଳ ଥାନା କଦଳୀପାଳ ନିକଟ ସାପୁଆ ପୋଲର ସୁରକ୍ଷା ବାଡ଼ ଭାଙ୍ଗି ଏକ ତୈଳ ଟ୍ୟାଙ୍କର ନାଳକୁ ଖସିପଡ଼ିଛି। ଉକ୍ତ ଟ୍ୟାଙ୍କର ଡିଜେଲ ନେଇ କଟକରୁ ଅନୁଗୋଳ ଯାଉଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସୂଚନା ପାଇ ରାସୋଳ ଅଗ୍ନିଶମ ବାହିନୀ, ପୋଲିସ, ଭାପୁର ପୋଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି।

# ପୌରାଞ୍ଚଳରୁ ବାହାରିଲେ ୨ ପଜିଟିଭ୍

**ଢେଙ୍କାନାଳ ଅଫିସ, ୧୪।୭**



ଢେଙ୍କାନାଳ ପୌରାଞ୍ଚଳରୁ ମଙ୍ଗଳବାର ଆଉ ଦୁଇ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ କର୍ନାଟକରୁ ଏବଂ ଅନ୍ୟ ଜଣେ ବ୍ରହ୍ମପୁରରୁ ଆସି ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ଗତ ୧୦ ତାରିଖରେ ସେମାନଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲା। ୧୩ ତାରିଖରେ ଆସିଥିବା ରିପୋର୍ଟରେ ଉଭୟେ ପଜିଟିଭ୍ ବୋଲି ଜଣାପଡ଼ିଥିଲେ। ସେମାନଙ୍କୁ ଢେଙ୍କାନାଳ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆକ୍ରାନ୍ତ ରହୁଥିବା ଘର ଏବଂ ସଂଲଗ୍ନ ଅଞ୍ଚଳକୁ ବିଶୋଧନ କରାଯାଇଛି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୦୩ରେ ପହଞ୍ଚିଛି। ଅନ୍ୟପଟେ ମଙ୍ଗଳବାର ୪ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏହାପରେ ମୋଟ୍ ସୁସ୍ଥଙ୍କ ସଂଖ୍ୟା ୮୫ରେ ପହଞ୍ଚିଛି।

# ପଦବୀ ଫେରିପାଇଲେ ପାଟରପଦା ସରପଞ୍ଚ

**ପରଜଙ୍ଗ, ୧୪।୭(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପାଟରପଦା ସରପଞ୍ଚ ଦୁଃଶାସନ ବିଶ୍ୱାଳ ତାଙ୍କ ପଦବୀ ଫେରି ପାଇଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗର ପତ୍ରସଂଖ୍ୟା ୧୧୨୩୦ ଅନୁଯାୟୀ ତାଙ୍କୁ ପୁଣିଥରେ ପଦବୀରେ ଅବସ୍ଥାପିତ କରାଯାଇଛି। ଗତ ୧୦ ତାରିଖରେ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହାର ନକଲ ଜିଲାପାଳ, ଜିଲା ପଞ୍ଚାୟତ ଅଧିକାରୀ, ବିଡିଓଙ୍କୁ ପ୍ରଦାନ କରାଯାଇଛି। ବିଡିଓ ଦାୟିତ୍ୱରେ ଥିବା ଏବିଡିଓ ଅଶୋକ କୁମାର ମିଶ୍ର ଏହାକୁ ସ୍ୱୀକୃତି ଦେଇଛନ୍ତି। ସୂଚନାଯୋଗ୍ୟ, ପଞ୍ଚାୟତରେ ବିଭିନ୍ନ ଯୋଜନାରେ ଅନିୟମିତତା ହୋଇଥିବା ଅଭିଯୋଗ ଆସିବା ପରେ ଦୁଃଶାସନଙ୍କୁ ରାଜ୍ୟ ସରକାର ନିଲମ୍ବିତ କରିଥିଲେ।



ସରପଞ୍ଚ ଦୁଃଶାସନ ବିଶ୍ୱାଳ।

ଏଥିସହ ତାଙ୍କ ନିକଟରୁ ଅଭିଯୋଗ ସମ୍ପର୍କିତ ସ୍ପଷ୍ଟୀକରଣ ଲୋଡ଼ିଥିଲେ। ଏ ନେଇ ସରପଞ୍ଚ ରାଜ୍ୟ ସରକାରଙ୍କ ନିକଟରେ ନିଜ ପକ୍ଷ ରଖିଥିଲେ। ନୋଟିସର ସମସ୍ତ ଉତ୍ତର ଦେବା ପରେ ତାଙ୍କୁ ପଦବୀରେ ପୁନଃ ଅବସ୍ଥାପିତ କରାଯାଇଥିବା ଜଣାପଡ଼ିଛି।

# ସରକାରୀ କ୍ୱାରିରୁ ବଢ଼ୁଛି ଚୋରି

**ଅନୁଗୋଳ ଅଫିସ, ୧୪।୭**

ଅନୁଗୋଳ ସହର ଉପକଣ୍ଠରେ ଥିବା ଏକ ସରକାରୀ ପଥର କ୍ୱାରିରୁ ବଢ଼ୁଛି ଚୋରି। ଉକ୍ତ କ୍ୱାରିର ନିଲାମ ଅବଧି ଶେଷ ହୋଇଯାଇଥିଲେ ମଧ ସେଠାରୁ ଲଘୁ ଖଣିଜ ଦ୍ରବ୍ୟର ଚୋରା ଉତ୍ପାଦନ ଜାରି ରହିଥିବା ଅଭିଯୋଗ ହେଉଛି। ଦୈନିକ ମଧରାତ୍ରିରେ ୩୦ରୁ ୪୦ ଟ୍ରିପ୍ ଚୋରା ଖଣିଜ ବିଭିନ୍ନ ସ୍ଥାନକୁ ପଠାଯାଉଛି। ମାସ ମାସ ଧରି ଏପରି କାରବାର ଯୋଗୁ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱହାନି ହେଉଥିବା ବେଳେ ତହସିଲ କି ଜିଲା ପ୍ରଶାସନ ଜାଣି ନ ପାରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅଭିଯୋଗ ଅନୁଯାୟୀ, ଉକ୍ତ ସରକାରୀ ପଥର କ୍ୱାରିକୁ ଶେଷଥର ପାଇଁ ୨୦୧୬ ମସିହାରେ ନିଲାମ ଦିଆଯାଇଥିଲା। ଏହାର ଅବଧି ୨୦୨୧ରେ ସରିବା କଥା। ପ୍ରତିବର୍ଷ ମାର୍ଚ୍ଚ ମାସରେ ଏହାକୁ ନବୀକରଣ କରିବାର ନିୟମ ରହିଛି। କିନ୍ତୁ କୌଣସି କାରଣବଶତଃ ଗୋଟିଏ ବର୍ଷ କମ୍ କରାଯାଇ ମାର୍ଚ୍ଚ ୨୦୨୦ ପର୍ଯ୍ୟନ୍ତ (ଚାରି ବର୍ଷିଆ) ନିଲାମ ଦିଆଯାଇଥିଲା। ତେଣୁ ଗତ ମାର୍ଚ୍ଚ ୩୧ରୁ ଉକ୍ତ ସରକାରୀ କ୍ୱାରିର



ଅନୁଗୋଳ ଉପକଣ୍ଠରେ ଥିବା ସରକାରୀ ପଥର କ୍ୱାରୀ।

- ଅବଧି ଶେଷ ପରେ ଚାଲିଛି ଉତ୍ପାଦନ
- ମଧରାତ୍ରିରେ କରାଯାଉଛି ପରିବହନ
- କୋଟି କୋଟି ଟଙ୍କାର ରାଜସ୍ୱ ହାନି

ନିଲାମ ଅବଧି ଶେଷ ହୋଇସାରିଛି। ନିୟମ ଅନୁସାରେ ଅବଧି ଶେଷ ହୋଇଥିବା ପଥର କ୍ୱାରିରେ କୌଣସି ପ୍ରକାର ବ୍ଲାଷ୍ଟିଂ କରାଯାଇ ପାରିବ ନାହିଁ କି ବାହାରୁଥିବା କଂକ୍ରିଟ୍, ବୋଲଡର ଆଦି ବାହାରେ ବିକ୍ରି ହୋଇପାରିବ ନାହିଁ। କିନ୍ତୁ ନିୟମ ଉଲ୍ଲଂଘନ କରାଯାଇ କ୍ୱାରିରୁ ଚୋରା ଉତ୍ପାଦନ ଜାରି ରଖାଯିବା ସହ ଚଢ଼ା ଦରରେ ଲଘୁ ଖଣିଜ ଦ୍ରବ୍ୟକୁ ବିକ୍ରି କରାଯାଉଛି। ବିଳମ୍ବିତ ରାତିରେ ନିୟମିତ ବ୍ଲାଷ୍ଟିଂ କରାଯାଇ ମଧରାତ୍ରରୁ ଭୋର୍ ମଧରେ ଟ୍ରକ୍, ଟ୍ରାକ୍ଟର ଯୋଗେ ଜିଲାର ବିଭିନ୍ନ ସ୍ଥାନକୁ ପରିବହନ କରାଯାଉଛି। କିନ୍ତୁ ତହସିଲ ପ୍ରଶାସନ ଏଯାଏ ମୌନବ୍ରତ ଧାରଣ କରିଛି। ସ୍ଥାନୀୟ ରାଜସ୍ୱ ଅଧିକାରୀ ମଧ ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ କରୁନାହାନ୍ତି। ଫଳରେ ଦିନକୁ ଦିନ ଚୋରା କାରବାର ବଢ଼ିବାରେ ଲାଗିଛି। ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱହାନି ପଛରେ କାହାର ହାତ ରହିଛି ତାହା ଖୋଜି ବାହାର କରିବାକୁ ଦାବି ହେଉଛି। ଅଭିଯୋଗ ସମ୍ପର୍କରେ ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ କହିଛନ୍ତି ଯେ, ଅବଧି ଶେଷ ପରେ କାହିଁକି ଏଭଳି କାର୍ଯ୍ୟ ହେଉଛି ତାହାର ଅନୁଧ୍ୟାନ କରାଯିବ। ପ୍ରମାଣ ମିଳିଲେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ନେଇ ନିଷ୍ପତ୍ତି ନିଆଯିବ।

